ମୋ ଗାଉଁଆ ଗାଥା

ଦ୍ୱିତୀୟ

Digitized by srujanika@gmail.com

ମୋ ଶିକ୍ଷାଦାତା

ଦ୍ୱିତୀୟ

ପ୍ରଭୁପାଦାଶ୍ରିତ

ବାବାଜୀ ଶ୍ରୀ ବୈଷ୍ଣବଚରଣ ଦାସ ।

[illegible]

Digitized by srujanika@gmail.com

ଉତ୍ସର୍ଗ ପତ୍ର

ଏ ମୋର କାଳଅନ୍ତା ।
ଶ୍ରୀରାଧାକାନ୍ତ ମଠ ଅଧିପତି !
ହେ ମହା ସୁମତି !
ଯେଣିକି କାଳି ବିନାତି ହେ । ୧ ।

ବୈଷ୍ଣବ କୁଳ ସମ୍ମତି ।
ବୈଷ୍ଣବ ଗଣେ ବିତରନ୍ତି ନୀତି ।
ହେ ସୌମ୍ୟ ମୂରତି !
(ମୁଁ) ବୈଷ୍ଣବ ଦାସ ଦୁର୍ମତି ହେ । ୨ ।

ନ ଜାଣେ ପ୍ରେମ ଭକତି ।
(ମୋର) ଭଜନ ପୂଜନେ ନାହିଁ ଶକତି ।
ହେ ସରଳ ମତି !
ନିଜ ଗୁଣେ ଦିଅ ଗତି ହେ । ୩ ।

ଦୋଲପୂର୍ଣ୍ଣିମା,
ସନ ୧୩୩୭ ସାଲ;
କଟକ

ବିନୟାବନତ
ସେହ ଅଧମ
"ବାବାଜୀ"

Digitized by srujanika@gmail.com

Digitized by srujanika@gmail.com

ମୋ କାଳିଆହାତୀ

(ଦ୍ୱିତୀୟ)

କହ ମୋ କଳା କହ୍ନାଇଁ !

କହିବ ମୋ ଦୁଃଖ କାହାକୁ ଯାଇଁ,

ମୋ କାଳିଅହାତୀ !

କଷଣ ଫେଡ଼ିଲ ନାହିଁ, ମୋ କାଳିଅହାତୀ । ୧ ।

ଖଣ୍ଡ ଶେଖର ମୋହନ !

ଖଟିବା ବେଳେ ଶ୍ରୀପଦ-ନଳିନ ।

ମୋ କାଳିଅହାତୀ !

ଖଣ୍ଡିଲେ ଖଳ ଦୁର୍ଜନ, ମୋ କାଳିଅହାତୀ । ୨ ।

ଗରବ ଗଞ୍ଜନ ହରି !

ଗଣ୍ଠିଧନ କରି ନାମ ତୁମ୍ଭର ।

ମୋ କାଳିଅହାତୀ !

ଗଲିଣି ମୁଁ ଏବେ ସରି, ମୋ କାଳିଅହାତୀ । ୩ ।

Digitized by srujanika@gmail.com

ଘନ ବରନ ମୂରତ !
ଘଟାଉଛ କେତେ ଅପକୀରତ ।
ମୋ କାଳଅହାଡ଼ି !
ଘନକୁଞ୍ଜ ଶ୍ୟାମ-କାନ୍ତି, ମୋ କାଳଅହାଡ଼ି । ୪ ।

ଉଚିତ କି ଏ ବଗୁର ?
ଉଡ଼ିଲେଣି ଜନ୍ଦା ବାନା ତୁମ୍ଭର ।
ମୋ କାଳଅହାଡ଼ି !
ଫଣୀ ହୋଇବ କାହାର ? ମୋ କାଳଅହାଡ଼ି । ୫ ।

ରଖିଲେ ଶୁଣ ମୋ ବାଣୀ ।
ଚଉଦ ଭୁବନ ମୋହନଠାଣି ।
ମୋ କାଳଅହାଡ଼ି !
ଚର୍ମ୍ମ ଅସ୍ଥି ରହିଲାଣି, ମୋ କାଳଅହାଡ଼ି । ୬ ।

ଛନ୍ଦା ଶ୍ରୀଚରଣ ତଳେ,
ଛଳେ ମୁଁ ଆଶ୍ରୟ ନେଇଛୁ ବଳେ,
ମୋ କାଳଅହାଡ଼ି !
ଛଇଛଟା ଭାବଭୋଳେ, ମୋ କାଳଅହାଡ଼ି । ୭ ।

Digitized by srujanika@gmail.com

ଜନ ଅରତ ଭଞ୍ଜନ ।
ଜଗତେ କେ ଯାହା ନାହିଁ ଧନ ।
ମୋ କାଳିଅହ୍ନାଜି !
ଜଞ୍ଜାଳ ମୋହର ଦେଖ, ମୋ କାଳିଅହ୍ନାତି । ୮ ।

ଢୁଳି ଚନ୍ଦନ ପାଟିଆ !
ଝଲମଲ ଝିନ ପୀତପଟିଆ ।
ମୋ କାଳିଅହ୍ନାତି,
ଝଲାଅ ମୋ କର୍ମ ଗହ୍ନା, ମୋ କାଳିଅହ୍ନାତି । ୯ ।

ନୀଳ ନଳିନ ଶ୍ରୀମୁଖ !
ନିରଖି-ରକ୍ଷଣ ରଖ ନ ରଖ ।
ମୋ କାଳିଅହ୍ନାତି !
ନିବେଦନ କଲି ଦୁଃଖ, ମୋ କାଳିଅହ୍ନାତି । ୧୦ ।

ଟଳିଗଲେ ଯିବ ଜୀବ ।
ଠମକ ଯିନା ସଂସାରେ ବାଜିବ ।
ମୋ କାଳିଅହ୍ନାତି !
ଠସକର ବୋଲାଇବ, ମୋ କାଳିଅହ୍ନାତି । ୧୧ ।

Digitized by srujanika@gmail.com

ଠଣ ସୁନ୍ଦର ମାଠଧାର !
ଠକି ଦେଲେ ମୁଁତ ଗୁଣ୍ଡିବ ଗାଣ୍ଠି ।
ମୋ କାଳିଅହ୍ଲାଡି !
ଠଣା ତୋ ଚରଣ ଦୁଇ, ମୋ କାଳିଅହ୍ଲାଡି । ୧୨ ।

ଡକାଇତ ବଂଶୀପାଣି !
ଡରାଳିବ କେତେ ଅଖିରୁ ପାଣି ।
ମୋ କାଳିଅହ୍ଲାଡି !
ଡଙ୍କ ମୋଡ଼ା ହୋଇଲଣି, ମୋ କାଳିଅହ୍ଲାଡି । ୧୩ ।

ଢମପଣେ ଢୁମ୍ବ ଗୁଣ ।
ଢମାଳିଅ ଗୀତେ ଗାଉଛୁ ଶୁଣ ।
ମୋ କାଳିଅହ୍ଲାଡି !
ଢଳାବଙ୍କିମ ନୟନ, ମୋ କାଳିଅହ୍ଲାଡି । ୧୪ ।

ଅଳସା ତୋଠା ବହ୍ୱାର !
ଅଙ୍ଗନା ମଣି * ଲକ୍ଷ୍ମୀ ମନୋହାରୀ ।
ମୋ କାଳିଅହ୍ଲାଡି !
ଅଛି ନେଇ ଦାନ କାଣ୍ଡୀ, ମୋ କାଳିଅହ୍ଲାଡି । ୧୫ ।

---

* ଲକ୍ଷ୍ମୀ ନାମ୍ନୀ ଜନୈକ ପୂଜାପଣ୍ଡାଙ୍କ କନ୍ୟା ।

Digitized by srujanika@gmail.com

ଉଗ୍‌ଠି ଗୃହାଁକୁ କଅଁ ?
ଉତ୍କଣ୍ଠୀ ରଙ୍କା ଶ୍ରୀ ବୃନ୍ଦାବନାଥେ ।
ମୋ କାଳିଅହ୍ଲାଦୀ !
ଉପାନ୍ତ ମୋର ହୁଅ, ମୋ କାଳିଅହ୍ଲାଦୀ । ୧୬ ।

ଥରେ ଜବାବ୍ ନ ଦେଇ ।
ଥକା ହୋଇ ରହିଅଛ କିପାଇଁ ?
ମୋ କାଳିଅହ୍ଲାଦୀ !
ଥଟ୍ଟା ମଣିଲ ପଚାରି, ମୋ କାଳିଅହ୍ଲାଦୀ । ୧୭ ।

ଦର ହସା ମୁଖ ଦେଖି ।
ଦମ୍ଭେ ମୁଁ ଦେଇଛି ଜୀବନ ବିକି ।
ମୋ କାଳିଅହ୍ଲାଦୀ !
ଦଣ୍ଡ ଦେଉଛ କାହିଁକି ? ମୋ କାଳିଅହ୍ଲାଦୀ । ୧୮ ।

ଧନ ଜନ ମାଗୁ ନାହିଁ ।
ଧନ୍ଦାରେ ଦେଉଛ ବୋଲି ପକାଇ ।
ମୋ କାଳିଅହ୍ଲାଦୀ !
ଧକ୍କା ପରାଣେ ଲଗଇ, ମୋ କାଳିଅହ୍ଲାଦୀ । ୧୯ ।

Digitized by srujanika@gmail.com

ନଈ ଘାଟ ବାଟ ଜଗା !
ନନ୍ଦ-କୁଳ-ଚନ୍ଦ୍ର ଲକ୍ଷ୍ମୀ ମଗା ।
ମୋ କାଳିଅହ୍ଲାଦୀ !
ନ ଦିଅ ଏଣିକି ଦଗା, ମୋ କାଳିଅହ୍ଲାଦୀ । ୨୦ ।

ପଦ ମର୍ଯ୍ୟାଦାକୁ ଥୋଇ ।
ଧାଡ଼ିରୁ ବେଣୀ କାଢ଼ ଦବାଇ ।
ମୋ କାଳିଅହ୍ଲାଦୀ !
ପ୍ରତିଷ୍ଠା ମୋ ଲୋଡ଼ା ନାହିଁ, ମୋ କାଳିଅହ୍ଲାଦୀ । ୨୧ ।

ପଂଧା କଲି ଛନ୍ଦା ପଦେ ।
ଫଟା କପାଳକୁ ନ ଶୁଣା ପଦେ ।
ମୋ କାଳିଅହ୍ଲାଦୀ !
ଫେରନ୍ତୁ ହୃଦେ ନ ବାଧେ କି ? କାଳିଅହ୍ଲାଦୀ । ୨୨ ।

ବକୁଳ-ବନ ଭିତରେ ।
ବସି ଅବଗୁଣ ଲେଖି ଗୀତରେ ।
ମୋ କାଳିଅହ୍ଲାଦୀ !
ବଂଶୀଶୁଣୁ ଉଠିତରେ, ମୋ କାଳିଅହ୍ଲାଦୀ । ୨୩ ।

Digitized by srujanika@gmail.com

ଭୃଙ୍ଗିଅ ନବ ରଙ୍ଗିଅ !
ଭଙ୍ଗିନ ମାଳା ମୋ ବାହୁସଙ୍ଗିଅ ।
ମୋ କାଳିଅହାଣ୍ଡି !
ଭରଷା ନୋହୁଛ କିଆଁ ? ମୋ କାଳିଅହାଣ୍ଡି । ୨୪ ।

ମନ ମୋହନ ନାଗର !
ପଦ୍ମମା କେଶିକା ଗନ୍ଧ ଲୁବ୍ଧତ ?
ମୋ କାଳିଅହାଣ୍ଡି !
ମରମେ ବିଜୁର କର, ମୋ କାଳିଅହାଣ୍ଡି । ୨୫ ।

ଯଶୋଦା ନେତ୍ର ଶଙ୍ଖାଳି !
ଯମୁନା-ତଟିଅ-ଶ୍ରୀବନମାଳୀ ।
ମୋ କାଳଅହାଣ୍ଡି !
ନଖ କାଏ ଦେଲ ଦଳି, ମୋ କାଳଅହାଣ୍ଡି । ୨୬ ।

ରଖ ବା ନ ରଖ ମୋତେ ।
ରହୁଥିବ ତୁମ୍ଭ ନାମ ଜିରତେ ।
ମୋ କାଳିଅହାଣ୍ଡି !
ରଥ ରହିବା ପର୍ଯ୍ୟନ୍ତେ, ମୋ କାଳିଅହାଣ୍ଡି । ୨୭ ।

Digitized by srujanika@gmail.com

ଲବଣୀ ଚୋର ଗୋପାଳ !
ଲଭିଛୁ ତୁମ୍ଭଙ୍କୁ କାଳି ଜଞ୍ଜାଳ ।
ମୋ କାଳିଅହ୍ୱାତି !
ଲଙ୍ଘ ଅଭିମାନ କୂଳ, ମୋ କାଳିଅହ୍ୱାତି । ୨୮ ।

ବନ୍ଧିଥିବ ଯେତେ ଦନ ।
ବଳାଇ ଶ୍ରୀ ରାସ-ଲୀଳାରେ ମନ ।
ମୋ କାଳିଅହ୍ୱାତି !
ବଞ୍ଚିବ ଏ ଜୀବନ, ମୋ କାଳିଅହ୍ୱାତି । ୨୯ ।

ଶରତ ବସନ୍ତ-ରାସେ ।
ଶଙ୍ଖ ଭେରୀ ତୁରୀ ମର୍ଦ୍ଦଳ ଘୋଷେ ।
ମୋ କାଳିଅହ୍ୱାତି !
ଶ୍ରବଣୀ ମଞ୍ଜୁ ସରସେ, ମୋ କାଳିଅ ହ୍ୱାତି । ୩୦ ।

ଷଣ୍ ମରା ଅବହେଳେ ।
ଷଟପଦ କର ତୋ ପାଦତଳେ ।
ମୋ କାଳିଅହ୍ୱାତି !
ଷଡ଼ରିପୁ ନାଶ ଛଟେଳ, ମୋ କାଳିଅହ୍ୱାତି । ୩୧ ।

Digitized by srujanika@gmail.com

ସତ୍ୟବାଦୀ ନିତ୍ୟସ୍ଥଳ !
ସଂକୀର୍ତ୍ତନେ ପଡ଼ୁଥାଉ ଉଚ୍ଛୁଳି ।
ମୋ କାଳିଅହ୍ଲାଦୀ !
ଧଣୀଭକ୍ତେ କର ଅଳ, ମୋ କାଳିଅହ୍ଲାଦୀ । ୩୨ ।

ହଜାର ହଜାର ମୁଖେ ।
ହର ହର ବୋଲୁ ଥାଅନ୍ତୁ ସୁଖେ ।
ମୋ କାଳିଅହ୍ଲାଦୀ !
ହଜିବି ମୁଁ ସେହି ଡାକେ, ମୋ କାଳିଅହ୍ଲାଦୀ । ୩୩ ।

ଯରେ ଛୁଞ୍ଚିଅନା ବଚନ ।
ଯମାନଧି ସାକ୍ଷୀ-ଗୋପାଳ ଧ୍ୟାନେ ।
ମୋ କାଳିଅହ୍ଲାଦୀ !
ଯମେ ବଇସ୍ତବ ଭଣେ, ମୋ କାଳିଅହ୍ଲାଦୀ । ୩୪ ।

ସମାପ୍ତ ।

କଟକ ଲକ୍ଷ୍ମୀନାରାୟଣ ପ୍ରେସରେ ଶେଖ୍ ନଜର ମୋହମ୍ମଦଙ୍କ ଦ୍ୱାରା
ମୁଦ୍ରିତ, ୧୯୩୦—ପ୍ରଥମ ସଂସ୍କରଣ, ୧୦୦୦ କପି

Digitized by srujanika@gmail.com

ମୋ କାଳିଆସ୍ୱାତୀ

ମହାତ୍ମା ସାକ୍ଷୀ ଗୋପୀନାଥ ଜୀଉଙ୍କ ଉପଲକ୍ଷେ ରଚିତ
ହୋଇଅଛୁ । ଏହା "କ" ଠାରୁ "କ୍ଷ" ପର୍ଯ୍ୟନ୍ତ ଚଉତିଶା
ଢଙ୍ଗରେ ଦୁଇ ଭାଗରେ ବିଭକ୍ତ । ମୁଁ ଏହି ପୁସ୍ତ-
କର ପ୍ରଥମ ଚଉତିଶା ଶ୍ରୀମୋହନସୁନ୍ଦର
ଗୋସ୍ୱାମୀଙ୍କ ଅନୁରୋଧ କ୍ରମେ ତାଙ୍କ
ନାମରେ ଭଣିତା କରି ମୁଦ୍ରଣ କରାଇ
ଦେଇଅଛୁ । ବର୍ତ୍ତମାନ ଦ୍ୱିତୀୟ
ତୃତୀୟ ଓ ଚତୁର୍ଥ ଚଉତିଶା-
ମାନ ଶ୍ରୀ ଦାଶରଥି ଦାସଙ୍କୁ
ମୁଦ୍ରଣ କରିବା ନିମନ୍ତେ
ସମସ୍ତ ଭାର ଅର୍ପଣ
କଲି ।
ଇତି ।

ଶ୍ରୀ ଶ୍ରୀ ରାଧାଗୋବିନ୍ଦ ରାସଲୀଳା-
ମଣ୍ଡଳୀ,
କଟକ ଠାଙ୍ଗୀ

ଆପଣମାନଙ୍କର
ଶ୍ରୀ ବୈଷ୍ଣବଚରଣ ଦାସ
ବାବାଜୀ ।

Digitized by srujanika@gmail.com

ପ୍ରକାଶକ :—ଶ୍ରୀ ଦାଶରଥି ଦାସ,

ଦାଶରଥି ପୁସ୍ତକାଳୟ

ବାଲୁବଜାର,

ପୋଃ ଅଃ ଗୃଧେମାଟୌଳ, କଟକ ।

PRINTED BY

SHAIKH NAZIR MOHAMMAD

THE Lakshmi Narayan Press,

Mohammadya Bazar,

CUTTACK.

1930

Digitized by srujanika@gmail.com

ବିଜ୍ଞାପନ ।

—*—

ବ୍ରଜବାସୀ ବାବାଜୀ ଶ୍ରୀ ବୈଷ୍ଣବଚରଣ ଦାସଙ୍କ କୃତ ସମସ୍ତ ନାଟକ ଆମ୍ଭ ନିକଟରେ ବିକ୍ରୟ ନିମିତ୍ତ ରକ୍ଷିତ ଅଛି । ତନ୍ମଧ୍ୟରୁ କେତେକ ଗୋଟିର ନାମ ନିମ୍ନରେ ଦିଆଗଲା ।

ବୃହତ୍ ମାନଭଞ୍ଜନ ନାଟକ	ଟ ୦ ୩
ଶାରଦୀୟ ରାସଲୀଳା	ଠ ୦ ।
ବାସନ୍ତି ଉତ୍ସବ ନାଟକ	ଠ ୦ ୵
ବରଦ୍ଧମାନ ନାଟକ	ଠ ୦ ।
ଦୁର୍ଜ୍ଜୟମାନ ନାଟକ	ଠ ୦ ।
ବାଲ୍ୟଲୀଳା ନାଟକ ୧ମ ଓ ୨ୟ...	ଠ ୦ ୩
ପୌଗଣ୍ଡଲୀଳା ନାଟକ ...	ଠ ୦ ।୵
ରାଧାପ୍ରେମଲୀଳା ନାଟକ	ଠ ୦ ।

ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ସମସ୍ତ ପ୍ରକାର ପୁସ୍ତକ ଏଠାରେ ମିଳେ ।

ପ୍ରାପ୍ତିସ୍ଥାନ :—

ଦାଶରଥି ପୁସ୍ତକାଳୟ, କଟକ

Digitized by srujanika@gmail.com